# ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

OFFICE OF THE NOTIFIED AREA COUNCIL, PADAMPUR
DIST:-BARGARH (ODISHA) PIN-768036

ପତ୍ର ସଂଖ୍ୟା 3538

ତାରିଖ 17.12.2025

## ଟେଣ୍ଡର ନୋଟିସ

ଏତଦ୍‌ଦ୍ୱାର ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର ରେ ମତ୍ସ୍ୟଜୀବୀ ସଂଘ ବା ବ୍ୟକ୍ତିଙ୍କ ଠାରୁ ବନ୍ଧ କାମ ରେ କଣ୍ଟା ବନ୍ଧ କିମ୍ବା ଅନ୍ୟ ବନ୍ଧ ମାନଙ୍କରେ ମାଛ ଧରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି ବା ମତ୍ସ୍ୟଜୀବୀ ସଂଘ ତା.୨୨.୧୨.୨୦୨୫ ରିଖ ରୁ ତା.୩୦.୧୨.୨୦୨୫ ରିଖ ମଧ୍ୟରେ ଅଫିସ ରେ ନିଲାମ ବିଜ୍ଞପ୍ତି ପତ୍ର କ୍ରୟ କରିପାରିବେ । ଦରଖାସ୍ତ ପତ୍ର ପାଇଁ .୫୦୦୦/-( ପାଞ୍ଚ ହଜାର ) ଟଙ୍କା( Non-Refundable) ପଇଠ କରିବେ । ଇଚ୍ଛୁକ ବ୍ୟକ୍ତି ବା ସଂଘ ନିଜର GST/PAN Card/Account Number/Aadhar Card ସହିତ ଦରଖାସ୍ତ ପତ୍ର ତା ୩୧.୧୨.୨୦୨୫ ରିଖ ଦିନ ୧:୦୦ ସୁଦ୍ଧା Registared Post/ Speed Post ଦ୍ୱାରା ପଠେଇ ପାରିବେ । ଦରଖାସ୍ତ ବିଳମ୍ବ ରେ ଆସିଲେ ତାକୁ ରଦ୍ଦ କରାଯିବ । ଦରଖାସ୍ତ ଗୁଡିକୁ ତା ୩୧.୧୨.୨୦୨୫ ରିଖ ଦିନ ୩:୦୦ ଟା ରେ ଦରଖାସ୍ତକାରୀ ତଥା ତାଙ୍କ ଦ୍ୱାରା ମନୋନୀତ ପ୍ରତିନିଧି ଙ୍କ ଉପସ୍ଥିତି ରେ ଖୋଲାଯିବ । ଯେଉଁ ବ୍ୟକ୍ତି ବା ସଂଘ ର ମାଛ ଧରିବା ର ଅଭିଜ୍ଞତା ଥିବ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର ର ସ୍ଥାୟୀ ବାସିନ୍ଦା ଥିବ ତାଙ୍କୁ ଅଗ୍ରାଧିକାର ଦିଆଯିବ । କାର୍ଯ୍ୟାଦେଶ ର ୬ ମାସ ମଧ୍ୟରେ ମାଛ ମରା କାର୍ଯ୍ୟ ଶେଷ ହେବ । କାର୍ଯ୍ୟାଦେଶ ପାଇବା ପୂର୍ବ ରୁ ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର ରେ ୨,୦୦,୦୦୦/- ଟଙ୍କା ଜମାରାଶି ହିସାବରେ ଜମା ଦେବେ, ଏହା ମାଛ ମରା ଶେଷ ହେଲା ପରେ ଫେରସ୍ତ କରାଯିବ ।

କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ଏବଂ ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି । ଏହାଛଡା କର୍ତ୍ତୃପକ୍ଷ ଚାହିଁଲେ , କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ / ନାକଚ କରିପାରିବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

ପରିପତ୍ର ସଂଖ୍ୟା: 3537 ତା - 17.12.2025

ଏହାର ଅବିକଳ ନକଲ ପରିଷଦ ର ନୋଟିସ ବୋର୍ଡ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକା ଜାରୀ କରାଗଲା /ନଗରପାଳ ,ବିଜ୍ଞାପିତ ଅଞ୍ଚଳ ପରିଷଦ,ପଦ୍ମପୁର ଓ ଟେଣ୍ଡର କମିଟି ସଦସ୍ୟ ଙ୍କୁ ପ୍ରେରଣ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

Scanned with OKEN Scanner